## ଶ୍ରୀରାମ ନବମୀ ମହୋତ୍ସବ

# ମାତୃଭୂମି ପାଇଁ ଗଣଦୌଡ଼

**ଭଦ୍ରକ,୮।୩(ସନାତନ ରାଉତ)**

ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ଏବେଠାରୁ ମହାଯଜ୍ଞ ସମିତି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ରାଷ୍ଟ୍ରୀୟ ଚେତନା ଜାଗ୍ରତ ଉଦ୍ଦେଶ୍ୟରେ ସମିତି ପକ୍ଷରୁ ରବିବାର ସକାଳେ ମାତୃଭୂମି ପାଇଁ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ତାରିଣୀ ମନ୍ଦିରଠାରୁ ଗଣଦୌଡ଼ ବାହାରି ସହର ମଧ୍ୟଦେଇ ବାଇପାସ୍‌ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ଶେଷ ହୋଇଥିଲା।

ତାରିଣୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଗଣଦୌଡ଼କୁ ମହାଯଜ୍ଞ ସମିତିର ବରିଷ୍ଠ ଉପଦେଷ୍ଟା ତଥା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ସମିତିର ସଭାପତି ବରିଷ୍ଠ ଆଇନଜୀବୀ ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ଉପଦେଷ୍ଟା ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ଶରତ ପଢ଼ିଆରୀ, ସଂଯୋଜକ ଗୋବିନ୍ଦ ରାଉତ ଓ କୋଷାଧ୍ୟକ୍ଷ ନିରଞ୍ଜନ ସାହୁ ଗୈରିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ହଜାର ହଜାର ଯୁବକ, ଛାତ୍ରୀଛାତ୍ର, ସାଧାରଣ ଜନତା ଓ ମହିଳା ଗଣଦୌଡ଼ରେ ସାମିଲ ହୋଇଥିଲେ। ଭାରତ ମାତା କୀ ଜୟ, ଜୟ ଶ୍ରୀରାମ ଧ୍ୱନିରେ ସହରର ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ସମିତିର ଉପସଭାପତି ତ୍ରିଲୋଚନ ନାୟକ, ସମ୍ପାଦକ ଆଇନଜୀବୀ ତୁଷାରକାନ୍ତ ଦାସ, ସ୍ୱରୂପାନନ୍ଦ ମହାପାତ୍ର, ଉପଦେଷ୍ଟା ଭଗବାନ ପଣ୍ଡା, ଦୀନବନ୍ଧୁ ପତି, ଅମ୍ବିକା ଦାସ, ସୁବ୍ରତ ନାୟକ, ରଶ୍ମିରଞ୍ଜନ ରାଉତ, ଡା. ପ୍ରଦୀପ ନାୟକ, ବଦ୍ରିନାରାୟଣ ଧଳ, ସୁଧାଂଶୁ ନାୟକ, ବାଣୀକଲ୍ୟାଣ ମହାନ୍ତି, ଉଦୟ ନାରାୟଣ ମଲ୍ଲିକ, ପ୍ରୟାସକାନ୍ତି ସାମଲ ପ୍ରମୁଖ ଗଣଦୌଡ଼ରେ ସାମିଲ ଥିଲେ। ଶ୍ରୀରାମ ନବମୀ ଉପଲକ୍ଷେ ସମିତି ପକ୍ଷରୁ ଗୋ ପୂଜନ, ସାଧୁସନ୍ଥ ପୂଜନ, ବାଇକ୍ ଶୋଭାଯାତ୍ରା, ବାଲ୍ ବଜରଙ୍ଗୀ ସାଇକେଲ ଶୋଭାଯାତ୍ରା, ଅଯୋଧ୍ୟା ସମେତ ବିଭିନ୍ନ ତୀର୍ଥକ୍ଷେତ୍ରରୁ ଆଜ୍ଞାମାଳ ଯାତ୍ରା, କଳସ ଶୋଭାଯାତ୍ରା, ଅଖଣ୍ଡ ହନୁମାନ ଚାଳିଶା ପାଠ, ନଗର ସଂକୀର୍ତ୍ତନ ଶୋଭାଯାତ୍ରା ଆଦି ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ସମିତି ସମ୍ପାଦକ ତଥା ଗଣମାଧ୍ୟମ ସଂଯୋଜକ ସ୍ୱାଧୀନ ସୁନ୍ଦର ଦାସ ସୂଚନା ଦେଇଛନ୍ତି।



ଭଦ୍ରକ ସହରରେ ଅନୁଷ୍ଠିତ ଗଣଦୌଡ଼ରେ ସାମିଲ ହୋଇଥିବା ଶ୍ରୀରାମ ଭକ୍ତମାନେ।

# ଅନ୍ତର୍ଜାତୀୟ ମହିଳା ଦିବସ




ଆଗରପଡ଼ାଠାରେ ମହିଳାମାନେ ପଦଯାତ୍ରାରେ ଯାଉଛନ୍ତି।

**ଆଗରପଡ଼ା,୮।୩(ସୁଶାନ୍ତ ଦାସ)**

ବନ୍ତ ବ୍ଲକ ଆଗରପଡ଼ା ଥାନା ଅଧୀନ ଗୋପୀନାଥପୁର ପଞ୍ଚାୟତରେ ଲୋକାଶକ୍ତି, ସିଏଫ୍‌ଡବ୍ଲ୍ୟୁଏସ୍‌ଡି ଓ ଜଗତଜ୍ୟୋତି ମହିଳା ମହାସଂଘର ମିଳିତ ଆୟୋଜନରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ସଙ୍ଗଠନ ସମୂହର ସଂଯୋଜକ ତଥା ଶିକ୍ଷକ ଗୋପୀନାଥ ଦାଶଙ୍କ ସଂଯୋଜନାରେ ଆୟୋଜିତ ପଦଯାତ୍ରାରେ ୩୦୦ରୁ ଅଧିକ ମହିଳା ବିଭିନ୍ନ ମହିଳା ସଶକ୍ତୀକରଣର ସ୍ଲୋଗାନ ଦେଇଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ଶୋଭାଯାତ୍ରା ବାହାରି ବିଭିନ୍ନ ଗ୍ରାମ, ସାହି, ବସ୍ତି ପରିକ୍ରମା କରିଥିଲା। ମହିଳା ମହାସଂଘର ପ୍ରତିଷ୍ଠାତ୍ରୀ ନେତ୍ରୀ ତଥା ଏମ୍‌ବିକେ ତୁଳସୀ ମହାନ୍ତି, ସମ୍ପାଦିକା ଶଶିରାଣୀ ଅଗସ୍ତି, ସଭାନେତ୍ରୀ ଅନୁସୟା ବେହେରା, କୁଞ୍ଜଲତା ଜେନା, ସିଆର୍‌ପି ସୁଜାତା ଜେନା, ତନ୍ମୟୀ ଦାସ, ଜୟନ୍ତୀ କଟୁଆଳ, ମମତା ବେଜ, ଅରୁନ୍ଧତୀ ବେହେରା, ଗୀତାଞ୍ଜଳି ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ। ନୃସିଂହ ମହାନ୍ତି, ରାଜେଶ ଦାଶ, ସ୍ୱରାଜ ଦାଶ, ଗୀତାରାଣୀ ସାହୁ, କବିତା ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

**ଭଦ୍ରକ,(ସନାତନ ରାଉତ):** ତିହିଡ଼ି ବ୍ଲକ ଅଧୀନ ଫତେପୁର ଗ୍ରାମରେ ଏସ୍‌ଜି ଫାଉଣ୍ଡେଶନ ଓ ରିଲାୟନ୍ସ ଫାଉଣ୍ଡେଶନ ସହଯୋଗରେ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଶନିବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭଦ୍ରକ ମହିଳା କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପିକା ରାଧାରାଣୀ ମହାପାତ୍ର ଯୋଗଦେଇ ମହିଳାମାନଙ୍କ ଅଧିକାର, ସଶକ୍ତୀକରଣ ଓ ସମାଜରେ ସେମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ୱାନ୍ ଷ୍ଟପ୍ ସେଣ୍ଟରର ଆଡ୍‌ମିନିଷ୍ଟ୍ରେଟର ପୁଷ୍ପାଞ୍ଜଳି ବେହେରା, ଶକ୍ତି ସଦନର କର୍ମଚାରୀ ଲିପ୍ସା ନାୟକ ଯୋଗଦେଇଥିଲେ। ରିଲାୟନ୍ସ ଫାଉଣ୍ଡେଶନର ଡିପିଏମ୍ ଦିଲୀପ ପ୍ରଧାନ ବକ୍ତବ୍ୟ ରଖିଥିଲେ। ଏସ୍‌ଜି ଫାଉଣ୍ଡେଶନ ପ୍ରୋଗ୍ରାମ ମ୍ୟାନେଜର ସାଇସ୍ମିତା ସାମଲ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ପ୍ରୋଗ୍ରାମ ଅଫିସର କାମିନୀରାଣୀ ଗିରି, ଚକାବନ ମୁନା, ଲକ୍ଷ୍ମୀଧର ମଲ୍ଲିକ ଓ ଚନ୍ଦନ କୁଅଁର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ତିହିଡ଼ି,(ସଞ୍ଜିତ ବଳ):** ତିହିଡ଼ି ବ୍ଲକ ଅଧୀନ ସିନ୍ଦୋଳ ପଞ୍ଚାୟତ ପକ୍ଷରୁ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ସରପଞ୍ଚ ସୁପ୍ରଭା ପାଣିଙ୍କ ନେତୃତ୍ୱରେ ଶତାଧିକ ମହିଳା ପଞ୍ଚାୟତ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ସେନବାଡ଼ ଓ ନୂଆପାଟଣା ଗ୍ରାମ ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ। ପରେ ସିନ୍ଦୋଳସ୍ଥିତ ବିଜୟଶ୍ରୀ କଲ୍ୟାଣ ମଣ୍ଡପରେ ସାମାଜିକ କର୍ମୀ ରଞ୍ଜୁଲତା ଗାହାଣଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବିଡିଓ ମୀନକେତନ ବାରିକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସରପଞ୍ଚ ପାଣି, ପିଇଓ ରମାକାନ୍ତ ଦାସ, ସିଏଚ୍‌ଓ ରଞ୍ଜିତା ପଣ୍ଡା, ସ୍ୱାସ୍ଥ୍ୟକର୍ମୀ ପଦ୍ମାବତୀ ରାଉତ, ମହିଳା ମହାସଂଘର ସଭାନେତ୍ରୀ ସୁକାନ୍ତି ବାରିକ, ଏମ୍‌ବିକେ ସନ୍ଧ୍ୟାରାଣୀ ବାରିକ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମଞ୍ଜୁଲତା ସାମଲ, ବିଷ୍ଣୁପ୍ରିୟା ରାଉଳ ପ୍ରମୁଖ ଯୋଗ ଦେଇଥିଲେ। ମହିଳାମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରାଣୀ ରାଉଳ, ମମତା ବାରିକ, କୁମୁଦିନୀ ବେହେରା, ପଙ୍କଜିନୀ ସାହୁ, ଶରତ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ।

**ଧାମନଗର, (ଦେବେନ୍ଦ୍ର ଆଦିଆ):** ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ରବିବାର ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଭଟସାହି ପଞ୍ଚାୟତ ମିଶନ ଶକ୍ତି କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଆର୍‌ପି, ଏମ୍‌ବିକେ, ବ୍ୟାଙ୍କମିତ୍ର ଓ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଯୋଗ ଦେଇଥିଲେ। ଏମ୍‌ବିକେ ଗୀତାଞ୍ଜଳି ବେହେରା, ସିଆର୍‌ପି ଅନୁପମା ରଣା, ସୁରତି ନାୟକ, ଗୀତାଞ୍ଜଳି ସୂତାର, ସ୍ମୃତିରେଖା ସୂତାର ପ୍ରମୁଖ ନିଜ ମତ ରଖିଥିଲେ। ସେହିପରି ଫଳପୁରଠାରେ ଅରଲେଶର ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ମହିଳା ଦିବସ ପାଳନ କରାଯାଇଥିଲା।

# କାର୍ ଦୁର୍ଘଟଣାଗ୍ରସ୍ତ, ୨ ଗୁରୁତର

**ଭଦ୍ରକ,୮।୩(ସନାତନ ରାଉତ)**

ଭଦ୍ରକ-ଆନନ୍ଦପୁର ୫୩ନଂ. ରାଜ୍ୟ ରାଜପଥର ବନ୍ତ ଥାନା ଅଧୀନ ଇଣ୍ଡିଆନ ପେଟ୍ରୋଲ ପମ୍ପ ନିକଟରେ ରବିବାର ସନ୍ଧ୍ୟାରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ କାର୍ ଚାଳକ ଓ ଗାଡ଼ିରେ ଥିବା ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, କାର୍‌ଟି ପେଟ୍ରୋଲ ପମ୍ପ ନିକଟରେ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇ ରାସ୍ତା ତଳକୁ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ୨ ଗୁରୁତରଙ୍କୁ ଉଦ୍ଧାର କରି ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଖବର ପାଇ ବନ୍ତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ୨ ଗୁରୁତରଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ସେମାନଙ୍କ ଘର କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଧୀନ ଇଞ୍ଜୋଳ ଗ୍ରାମରେ ବୋଲି ଜଣାପଡ଼ିଛି। ତେବେ ଦୁର୍ଘଟଣା ପୂର୍ବରୁ କାର୍‌ଟି ବନ୍ତ ଥାନା ଛକ ନିକଟସ୍ଥ ଡିଗୀପଡ଼ିଆ ନିକଟରେ ଏକ ବାଇକ୍‌କୁ ଧକ୍କା ଦେଇ ଦ୍ରୁତଗତିରେ ଖସି ପଳାଇ ଯାଉଥିଲା ବୋଲି ଆଲୋଚନା ହେଉଛି।

# ଜିଲାରେ ୩. ୯୧ ଲକ୍ଷ ମହିଳା ପାଇଲେ ସୁଭଦ୍ରା ୪ର୍ଥ କିସ୍ତି



୪ର୍ଥ କିସ୍ତି ବଣ୍ଟନ ସମାରୋହରେ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟମାନେ।

**ଭଦ୍ରକ,୮।୩(ସନାତନ ରାଉତ)**

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ରବିବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସୁଭଦ୍ରା ଯୋଜନାର ୪ର୍ଥ କିସ୍ତି ବଣ୍ଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲାରେ ମୋଟ ୩ ଲକ୍ଷ ୯୧ ହଜାର ମହିଳାଙ୍କ ବ୍ୟାଙ୍କ ଖାତାକୁ ସୁଭଦ୍ରା ଯୋଜନାର ୪ର୍ଥ କିସ୍ତି ପ୍ରଦାନ କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମୁଖ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଯୋଗଦେଇ କହିଥିଲେ, ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମକୁ ଆହୁରି କ୍ରିୟାଶୀଳ କରିବା ପାଇଁ ସମସ୍ତେ ମିଳିତ ଭାବେ ପ୍ରୟାସ କରିବା ଆବଶ୍ୟକ। ଏବେ ମହିଳାମାନେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରିପାରିଛନ୍ତି। ଅନ୍ୟତମ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ରବିନାରାୟଣ ସାହୁ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ରୂପାଲୀ ମିତ୍ର ଯୋଗଦେଇ ମହିଳା ସଶକ୍ତୀକରଣର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ମହିଳାମାନଙ୍କ ସହ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, କ୍ଷେତ୍ର ପରିଦର୍ଶିକା, ଅଙ୍ଗନୱାଡି କର୍ମୀ ଓ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଜିଲା ସୁରକ୍ଷା ଓ ଯୋଜନା ଅଧିକାରିଣୀ ସବିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସେମିରେ ତମାଣ୍ଡୋ କ୍ରିକେଟ କ୍ଲବ୍

## ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

**ଭଣ୍ଡାରିପୋଖରୀ,୮।୩ (ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ବ୍ଲକ ବୟାବନାପୁର ପଞ୍ଚାୟତର ଚନ୍ଦ୍ରଭାନୁପୁର କ୍ରିକେଟ ପଡ଼ିଆରେ ଚାଲିଥିବା ହରମୋହନ ମହାପାତ୍ର ସ୍ମାରକୀ କ୍ରିକ୍ରେଟ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ତମାଣ୍ଡୋ କ୍ରିକେଟ କ୍ଲବ ଓ ବାସୁଦେବପୁର ଉତ୍କଳିକା ଦଳ ମଧ୍ୟରେ ମ୍ୟାଚ୍ ହୋଇଥିଲା। ବାସୁଦେବପୁର ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ୍ ହରାଇ ୨୩୧ ରନ୍ କରିଥିଲା। ଜବାବରେ ଭୁବନେଶ୍ୱର ଦଳ ୧୮ ଓଭରରେ ୪ ଉଇକେଟ୍ ହରାଇ ୨୩୨ ରନ୍ କରି ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ଦଳ ପକ୍ଷରୁ କ୍ଷମାସାଗର ବଳ ୬୧ ଓ ଆକାଶ ମହାପାତ୍ର ୫୬ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ବସନ୍ତ ମହାଳିକ ୩ ଉଇକେଟ୍ ନେଇଥିଲେ। ଦିନା ଦାସ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଶିକ୍ଷକ ପବନ କୁମାର ନାୟକ ଓ ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ସାହୁ ତାଙ୍କୁ ପରସ୍କୃତ କରିଥିଲେ।

# ଶିକ୍ଷାବିତ୍‌ଙ୍କ ପରଲୋକ

**ବାସୁଦେବପୁର,୮।୩(କାଳିପଦ ରାୟ):** ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ଗୋରାମାଟି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଅନାମ ଚରଣ ଦାସ(୮୦)ଙ୍କର ରବିବାର ପରଲୋକ ହୋଇଯାଇଛି। ସେ ୨୦୦୨ରେ ସୁଗୋ ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନ ଆରମ୍ଭ କରି ସେହି ବିଦ୍ୟାଳୟରୁ ଅବସର ନେଇଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗୋରାମାଟିରୁ ସୁଗୋ ବିଦ୍ୟାଳୟ ପରିସରକୁ ନିଆଯାଇଥିଲା। ସେଠାରେ ତାଙ୍କ ମରଶରୀରକୁ ବିଦ୍ୟାଳୟ ପରିକ୍ରମା କରାଯାଇ ଗୀତାପାଠ କରାଯାଇଥିଲା। ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ସରପଞ୍ଚ ରାଜା କୁମାର ନାୟକ, ବସନ୍ତ ନାୟକ, ଗଣେଶ ପ୍ରସାଦ ମଳିକ, ସମିତିସଭ୍ୟ କୈଳାସ ନାୟକ, ସାମାଜିକ କର୍ମୀ ବିଜୟ ଘଡ଼େଇଙ୍କ ସହ ବହୁ ଛାତ୍ରୀଛାତ୍ର ଶେଷ ଦର୍ଶନ କରିଥିଲେ।

# 'ପିଲାମାନଙ୍କୁ ସଂସ୍କାର ଦିଅନ୍ତୁ ମା' ବାପା'

**ବାସୁଦେବପୁର,୮।୩(କାଳିପଦ ରାୟ)**

ବାସୁଦେବପୁର ବ୍ଲକ ଅଧୀନ ବ୍ରାହ୍ମଣଗାଁ ଉଚ୍ଚ ବିଦ୍ୟାଳୟଠାରେ ରବିବାର ବରିଷ୍ଠ ନାଗରିକମାନଙ୍କର ସମ୍ବର୍ଦ୍ଧନା ସଭା ଓ ପରିଚୟପତ୍ର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୈଳାସ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଏସ୍‌ପି ମନୋଜ କୁମାର ରାଉତ, ଅନ୍ୟତମ ଅତିଥି ଭାବେ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ, ବାସୁଦେବପୁର ଥାନାଧିକାରୀ ନିରୋଜ କୁମାର ସାମଲ, ସରପଞ୍ଚ ଶୁଭଶ୍ରୀ ତ୍ରିପାଠୀ, ପ୍ରଧାନଶିକ୍ଷକ ରତ୍ନାକର ମହାଳିକ, ସମ୍ପାଦକ ତାପସ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସାମ୍ପ୍ରତିକ ସମାଜରେ ମାନବିକ ମୂଲ୍ୟବୋଧର ଅବକ୍ଷୟ ହେଉଥିବା ବେଳେ ବୃଦ୍ଧ ମା' ବାପାମାନେ ଅବହେଳିତ ହେଉଛନ୍ତି। ସେଥିପାଇଁ ମା' ବାପା ପିଲାମାନଙ୍କୁ ଶିକ୍ଷା ସହ ସଂସ୍କାର ଦେବାକୁ ଏସ୍‌ପି ଉପସ୍ଥିତ ବରିଷ୍ଠ ନାଗରିକମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ କମିଟି ଦ୍ୱାରା ଏସ୍‌ପି ରାଉତଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ଏସ୍‌ଡିପିଓ ସେଠୀ ଓ ଥାନାଧିକାରୀ ସାମଲ ବରିଷ୍ଠ ନାଗରିକମାନଙ୍କ ଅଧିକାର ଓ ସୁରକ୍ଷା ପାଇଁ ପୋଲିସ ସର୍ବଦା ତତ୍ପର ବୋଲି କହିଥିଲେ।



ଏସ୍‌ପି ମନୋଜ କୁମାର ରାଉତ ଜଣେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଟ୍ରେନ୍‌ରେ କଟି ଯୁବକ ମୃତ

**ତିହିଡ଼ି,୮।୩(ସଞ୍ଜିତ ବଳ)**

ଭଦ୍ରକ-ଧାମରା ରେଳପଥର ତିହିଡ଼ି ଥାନା ଅଧୀନ ଦୋଳସାହି ପଞ୍ଚାୟତର ଗାଜିପୁର ନିକଟରେ ଶନିବାର ରାତିରେ ଟ୍ରେନ୍‌ରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦୋଳସାହି ଗ୍ରାମର ସନ୍ତୋଷ କୁମାର ବେହେରା(୩୧)। ସୂଚନା ଅନୁଯାୟୀ, ସନ୍ତୋଷ ରାତି ପ୍ରାୟ ୯ଟା ବେଳେ ରେଳପଥ ପାରି ହେଉଥିବା ସମୟରେ ଭଦ୍ରକରୁ ଧାମରା ଅଭିମୁଖେ ଯାଉଥିବା ମାଲ୍‌ବାହୀ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଖବର ପାଇ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ତିହିଡ଼ି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# 'ଗ୍ରାମର ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ କରେ ମହୋତ୍ସବ'

**ବାସୁଦେବପୁର,୮।୩(କାଳିପଦ ରାୟ)**

ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ସାର୍ବଜନୀନ ଦୋଳମଣ୍ଡପଠାରେ ଶନିବାର ରାତିରେ ଦୋଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଲେଖକ, ଖବରଦାତା ଗୁରୁକଲ୍ୟାଣ ମହାପାତ୍ର, ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ବରେଣ୍ୟ ଅତିଥି ଭାବେ ସିନେ କଳାକାର ଅଶ୍ରୁମୋଚନ ମହାନ୍ତି, ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ଭାଜପା ନେତା ବାଣୀକଲ୍ୟାଣ ମହାନ୍ତି ଓ ସାମାଜିକ କର୍ମୀ ସୁଶୀଳ ମହାନ୍ତି ଯୋଗ ଦେଇଥିଲେ। ମହୋତ୍ସବ ଗ୍ରାମାଞ୍ଚଳର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ସହ ଭାଇଚାରାକୁ ସୁଦୃଢ଼ କରେ ବୋଲି ଅତିଥିମାନେ କହିଥିଲେ। କମିଟି ସଭାପତି ସୋମନାଥ ମହାକୁଡ଼ ମଞ୍ଚ ପରିଚାଳନା କରିଥିଲେ। ଯାତ୍ରା କଳାକାର ପ୍ରଭାସ ଚନ୍ଦ୍ର ମହାପାତ୍ର, ଅନିରୁଦ୍ଧ ବିଶ୍ୱାଳ ଓ ସଙ୍ଗୀତଜ୍ଞ ଦୁର୍ଯ୍ୟୋଧନ ବନ୍ଧଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସାମାଜିକ କର୍ମୀ ନରେନ ବିଶ୍ୱାଳ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। କମିଟି ସମ୍ପାଦକ ରଶ୍ମିରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ୧୯୮୭ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

**ଧୁଷୁରୀ, ୮।୩(ଦୀପ୍ତି ରଞ୍ଜନ ନାୟକ )**

ଚାନ୍ଦବାଲି ବ୍ଲକ ଅଧୀନ ଆରଡ଼ିସ୍ଥିତ ହୋଟେଲ ରୟାଲ ପ୍ୟାଲେସ କନ୍‌ଫରେନ୍ସ ହଲ୍‌ରେ ରବିବାର ମଠଡିହ ହାଇସ୍କୁଲର ୧୯୮୭ ବ୍ୟାଚ୍‌ର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବ୍ୟାଚ୍‌ର ଦିବଂଗତ ୬ ସାଥୀଙ୍କ ଅକାଳ ବିୟୋଗ ପାଇଁ ଉପସ୍ଥିତ ବନ୍ଧୁମାନେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ପୁରାତନ ଛାତ୍ର ପ୍ରଶାନ୍ତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ପୋଲିସ ଅଧିକାରୀ ପ୍ରଦୀପ ନାୟକ, ଶିକ୍ଷାବିତ୍ ମିହିର କୁମାର ନାୟକ, ଆଇନଜୀବୀ ଅଶୋକ କୁମାର ସାମଲ ଓ ଖବରଦାତା ସନ୍ତୋଷ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସମସ୍ତେ ଅତୀତର ବିଦ୍ୟାଳୟ ଅନୁଭୂତିକୁ ସାଉଁଟିଥିଲେ। ଜ୍ଞାନେନ୍ଦ୍ର ନାୟକ, ବୈଲୋଚନ ନାୟକ, ଦାମୋଦର ମଳିକ, ଅମିତା ନାୟକ, ରେବତୀ ସାମଲ, ଉତ୍ତମା ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ନାୟକ, ଜୟନ୍ତୀ ଦଳେଇ, ଜୟନ୍ତ ନାୟକ, ବିଶ୍ୱମ୍ଭର ମଳିକ, ବୈକୁଣ୍ଠ ମାଝୀ, ସୁବଳ ମହାଳିକ ପ୍ରମୁଖ ପରବର୍ତ୍ତୀ ବର୍ଷରେ ବ୍ୟାଚ୍ ପକ୍ଷରୁ ସମାଜର ଦୁସ୍ଥ ବ୍ୟକ୍ତିଙ୍କୁ ମୁଖ୍ୟସ୍ରୋତକୁ ଆଣିବାକୁ ଚେଷ୍ଟା ଅବ୍ୟାହତ ରହିବ ବୋଲି ମତପ୍ରକାଶ କରିଥିଲେ।



ବନ୍ଧୁମିଳନ ସମାରୋହରେ ପୁରାତନ ବିଦ୍ୟାର୍ଥୀମାନେ।

# ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବା ଉପରେ ଗୁରୁତ୍ୱ

## ରୋଗୀ କଲ୍ୟାଣ ସମିତି ବୈଠକ

**ବାସୁଦେବପୁର,୮।୩(ନାରାୟଣ ପ୍ରସାଦ ବାରିକ୍)**




ବୈଠକରେ ବିଧାୟକ ଅଶୋକ କୁମାର ଦାସ ଓ ଅନ୍ୟମାନେ।

ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର କନ୍‌ଫରେନ୍ସ ହଲ୍‌ରେ ଶନିବାର ଅପରାହ୍ନରେ ରୋଗୀ କଲ୍ୟାଣ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡାକ୍ତରଖାନାରେ ବିଭିନ୍ନ ସମୟରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ଡାକ୍ତରଖାନାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇ ଏହାର ସମାଧାନ ବାଟ ବାହାର କରାଯାଇଛି। ଏହି ଡାକ୍ତରଖାନାରେ ପ୍ରତିଦିନ ଆଉଟଡୋରରେ ୫୦୦ରୁ ୬୦୦ ରୋଗୀ ନାମ ପଞ୍ଜୀକରଣ କରି ଚିକିତ୍ସିତ ହେଉଥିବା ବେଳେ ମାତ୍ର ୪ଜଣ ଡାକ୍ତର ଚିକିତ୍ସା ସେବା ଯୋଗାଇବା କଷ୍ଟକର ହେଉଛି। ୧୮ ଡାକ୍ତର ପଦବୀ ଏଠାରେ ଖାଲି ପଡ଼ିଥିବାରୁ ରୋଗୀସେବାରେ ବ୍ୟାଘାତ ସୃଷ୍ଟି ହେଉଛି। ତୁରନ୍ତ ଡାକ୍ତର ପଦବୀ ପୂରଣ ପାଇଁ ବୈଠକରେ ଦାବି ରଖାଯାଇଥିଲା। ଡାକ୍ତର ଅଭାବ ଯୋଗୁ ପ୍ରତିଦିନ ଆଉଟଡୋରରେ ଆୟୁଷ, ହୋମିଓପାଥି ଡାକ୍ତରଙ୍କୁ ଆଉଟଡୋରରେ ବସି ସେବା ଯୋଗାଇବାକୁ ପଡୁଛି। ତେବେ ଆୟୁଷ ଓ ହୋମିଓପାଥି ଡାକ୍ତରଙ୍କ ଆଉଟଡୋର ସେବାରେ ରୋଗୀ ଅସନ୍ତୋଷ ରହୁଥିବା ସହ ଠିକ୍ ଚିକିତ୍ସା ପାଇପାରୁ ନାହାନ୍ତି ବୋଲି ମତପ୍ରକାଶ ପାଇଥିଲା। କେତେଜଣ ଡାକ୍ତର ନିର୍ଦ୍ଦିଷ୍ଟ ଔଷଧ କମ୍ପାନୀର ଔଷଧ ଲେଖୁଥିବା ମଧ୍ୟ ବୈଠକରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଥିଲା। କେତେକ ଔଷଧ କମ୍ପାନୀର କର୍ମଚାରୀ ଡାକ୍ତରଙ୍କୁ ହାତବାରିଶି କରି ଚାଲିଥିବା ବୈଠକରେ ଆଲୋଚନା ହୋଇଥିଲା। କାର୍ଯ୍ୟରତ ସିକ୍ୟୁରିଟି ସଂସ୍ଥା ଓ ସିକ୍ୟୁରିଟି କର୍ମଚାରୀମାନେ କାର୍ଯ୍ୟରେ ଅବହେଳା କରୁଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଡାକ୍ତରଖାନାର ବିଭିନ୍ନ ସମସ୍ୟା ସମାଧାନ ପାଇଁ ସେ ତତ୍ପର ଅଛନ୍ତି ବୋଲି କହିଥିଲେ।

ଡାକ୍ତରଖାନା ପରିସରରେ ଦଲାଲମାନେ ସକ୍ରିୟ ରହି ରୋଗୀଙ୍କୁ ପ୍ରଲୋଭିତ କରି ବ୍ୟକ୍ତିଗତ ଡାକ୍ତରଖାନାକୁ ନେଇ ଯାଉଥିବା ଘଟଣା ଅତ୍ୟନ୍ତ ଉଦ୍‌ବେଗକରଣ ହୋଇଥିବାରୁ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ବୈଠକରେ ସ୍ଥିର ହୋଇଥିଲା। ବ୍ଲଡ୍ ଷ୍ଟୋରେଜ ୟୁନିଟ୍‌କୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ଶବ ବ୍ୟବଚ୍ଛେଦ କେନ୍ଦ୍ର କାର୍ଯ୍ୟକ୍ଷମ, ଡାକ୍ତରଖାନାରେ ପାନୀୟ ଜଳ ବ୍ୟବସ୍ଥାକୁ ଠିକ୍ କରିବା ସହ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା। ପୌରାଧ୍ୟକ୍ଷା ନିବେଦିତା ବେହେରା, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଶାନ୍ତ କୁମାର ସାମନ୍ତଙ୍କ ସମେତ ଏବିଡିଓ, ବିଇଓ, ସିଡିପିଓ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

# ଆନନ୍ଦେଶ୍ୱର ଯାତ୍ରା କମିଟି ପୁନର୍ଗଠିତ

ପାଟଣା,୮।୩(ବୀର କିଶୋର ଦାଶ)

ପାଟଣାସ୍ଥିତ ଆନନ୍ଦେଶ୍ୱର ଜାଗର ଯାତ୍ରା ପାଇଁ ନୂତନ ଅପେରା କମିଟିର ପୁନର୍ଗଠନ ହୋଇଛି। ଆନନ୍ଦେଶ୍ୱର ଅପେରା କମିଟି ପାଇଁ ସର୍ବ ସମ୍ମତି କ୍ରମେ ସଭାପତି ଭାବେ ସମବାୟବିତ ଦୀନବନ୍ଧୁ ମିଶ୍ର , ଉପ ସଭାପତି ଅଭିଷେକ ଦାଶ, ସମ୍ପାଦକ ଲିପକ କୁମାର ସାହୁ, ସହ ସମ୍ପାଦକ ଅକ୍ଷୟ କୁମାର ସାହୁ, କୋଷାଧକ୍ଷ ପ୍ରିୟବ୍ରତ ମିଶ୍ର, ପ୍ରୀତମ କୁମାର ପଣ୍ଡା, ପ୍ରକାଶ କୁମାର ଦାଶ, ଜିଲୁମିଶ୍ର ପ୍ରମୁଖ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ଭାବେ ବିବେକାନନ୍ଦ ଦାଶ, ଦକ୍ଷୀ ସାହୁ, ବୀରକିଶୋର ଦାଶ, ଚିନ୍ମୟ ଦାଶ, ପ୍ରଶାନ୍ତ ଭଞ୍ଜ,ସୁବ୍ରତ କୁମାର ଦ୍ୱିବେଦୀ, ଚିରଞ୍ଜୀବ ଦାଶ, ଅଜୟ କୁମାର ଦାସ, ତୋଫାନ କୁମାର ସାହୁ, ଚିନ୍ମୟ ବେହେରା,ଆଲୋକ ସାହୁ, ବିକାଶ ଦାସ, ରମ୍ୟ ରଞ୍ଜନ ମିଶ୍ର, ସୌମ୍ୟରଞ୍ଜନ ଦାଶ, ଆନନ୍ଦେଶ୍ୱର ଅପେରା କମିଟି ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ।

# ସଚେତନତା ଅଭାବରୁ ଜଳିଯାଉଛି ଜଙ୍ଗଲ

ଆନନ୍ଦପୁର, ୮।୩(ସୁଶାନ୍ତ କୁମାର ସାହୁ )

ଗତ କିଛି ଦିନ ହେବ ଆନନ୍ଦପୁରସ୍ଥିତ କାଠକଟା ଜଙ୍ଗଲରେ ନିଆଁ ଲାଗି ପାଖାପାଖି ୧୦ଏକରରୁ ଉର୍ଦ୍ଧ୍ୱ ଜଙ୍ଗଲ ପୋଡ଼ିଯାଇଛି। ବ୍ୟାପକ ବୃକ୍ଷଲତା ନଷ୍ଟ ହୋଇଛି। ବନ୍ୟପ୍ରାଣୀମାନଙ୍କର ବାସସ୍ଥାନ ବ୍ୟାପକ ଭାବେ କ୍ଷତି ହୋଇଛି। ସଚେତନତାର ଅଭାବ ଯୋଗୁ ଜଙ୍ଗଲରେ ବାରମ୍ବାର ନିଆଁ ଲାଗୁଛି ବୋଲି ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁ ବିଭିନ୍ନ ସ୍ୱେଚ୍ଛାସେବୀ ମହିଳା ଏବଂ ବୁଦ୍ଧିଜୀବୀଙ୍କୁ ନେଇ ଆୟୋଜିତ ଜଙ୍ଗଲ ନିଆଁ ଓ ହାତୀ ମଣିଷ ବିବାଦ ସମ୍ବନ୍ଧିତ ସଭାରେ କହିଛନ୍ତି। ସେ କହିଛନ୍ତି ଯେ, ବିଭିନ୍ନ ସମୟରେ କାଠକଟା ଜଙ୍ଗଲ ଓ ଏହାର



ସଭାରେ ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁ ସଚେତନ କରୁଛନ୍ତି।

ନିକଟବର୍ତ୍ତୀ ଗ୍ରାମଗୁଡିକରେ ବ୍ୟାପକ ସଚେତନତା ସୃଷ୍ଟି କରିଛନ୍ତି। ଫଳରେ ବିଗତ କିଛି ବର୍ଷ ହେବ ଆନନ୍ଦପୁର ବନଖଣ୍ଡ ଅଧୀନରେ ଥିବା ବିଭିନ୍ନ ଜଙ୍ଗଲରେ ନିଆଁ ବିଶେଷ ଭାବେ ଲାଗୁ ନ ଥିଲା। ଚଳିତବର୍ଷ କାଠକଟାରେ ପ୍ରଥମ ଥର ବ୍ୟାପକ ରୂପେ ନିଆଁ ଲାଗିଥିଲା। ଜଙ୍ଗଲ ବିଭାଗ ଦ୍ୱାରା ଏହି ନିଆଁକୁ ଆୟତ୍ତ କରାଯାଇଥିଲା। ଜଙ୍ଗଲ ନିଆଁକୁ ରୋକିବା ପାଇଁ ଜଙ୍ଗଲ ପାଖାପାଖି ସ୍ଥାନୀୟ ଅଞ୍ଚଳର ଅଧିବାସୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଏହି ସଚେତନତାକୁ ବ୍ୟାପକ କରାଯିବ ବୋଲି ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ରାଜକିଶୋର ବାରିକ, ପ୍ରସନ୍ନ ନାହାକ, ରଞ୍ଜିତ ନାୟକ ଏବଂ ସୁଜୁନାପାଳ ଗ୍ରାମର ସତ୍ୟାନନ୍ଦ ନାୟକ, ସୁଶାନ୍ତ ଦେହୁରୀ ଓ ଟିଙ୍କି ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

# ୩ ସମିତି ଏକାଠି ପାଳିଲେ ଅନ୍ତର୍ଜାତୀୟ ମହିଳା ଦିବସ


ମଞ୍ଚରେ ମୁଖ୍ୟ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

ବଡବିଲ,୮।୩(ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଡବିଲସ୍ଥିତ ପୌର ଟାଉନ ହଲ ପରିସରରେ ରବିବାର ସନ୍ଧ୍ୟାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ବଡବିଲର ଉପାନ୍ତ ମହିଳା ସମବାୟ ସମିତି ଲିମିଟେଡ, ପ୍ରତିଭା ମହିଳା ସମିତି ଓ ଆଶୀର୍ବାଦ ୱେଲଫେଆର ଟ୍ରଷ୍ଟ ଏକାଠି ହୋଇ ଏହି ଦିବସକୁ ପାଳନ କରିଛନ୍ତି। ଅପରାହ୍ନ ପ୍ରାୟ ୨ ଟା ବେଳେ ମହିଳା ସଶକ୍ତୀକରଣ ନିମନ୍ତେ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରି ଟାଉନ ହଲଠାରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ତିନୋଟିଯାକ ମହିଳା ସମିତିର କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ସହ ସ୍ଥାନୀୟ ଅଞ୍ଚଳର ମହିଳାମାନେ ସାମିଲ ହୋଇଥିଲେ। ସନ୍ଧ୍ୟାରେ ଏକ ସାଧାରଣ ସଭାର ଆୟୋଜନ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଜିଲା ଡିଏମଏଫର ସିଇଓ ରୀନା ପ୍ରଧାନ ଯୋଗଦେଇ ମହିଳାଙ୍କୁ ସମ୍ମାନ, ମହିଳା ସଶକ୍ତିକରଣ ଓ ନିଜର ଉପଲବ୍ଧି ନେଇ ଉପସ୍ଥିତ ମହିଳାମାନଙ୍କୁ କହିଥିଲେ। ସମ୍ମାନିତ ଅତିଥି ବଡବିଲ ବନାଞ୍ଚଳ ଅଧିକାରୀ ସଞ୍ଜୀବ କୁମାର ରାଉତ, ଅନ୍ୟତମ ଅତିଥି ଭାବେ ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ଚନ୍ଦ୍ରଗୁପ୍ତ ପ୍ରସାଦ, ବଡବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ପୌର ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରଦ୍ଧାଞ୍ଜଳି କର ଯୋଗଦେଇଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଉପାନ୍ତ ମହିଳା ସମବାୟ ସମିତି ଲିମିଟେଡର ଅଧ୍ୟକ୍ଷା ପୁଷ୍ପା ଆପଟ, ପ୍ରତିଭା ମହିଳା ସମିତିର ଅଧ୍ୟକ୍ଷା ବନଜା ମଞ୍ଜରୀ ମହାନ୍ତ ଏବଂ ଆଶୀର୍ବାଦ ୱେଲଫେଆର ଟ୍ରଷ୍ଟର ଅଧ୍ୟକ୍ଷା ଅଞ୍ଜଳି ସିଂହ ପ୍ରମୁଖ ମଞ୍ଚାସିନ ହୋଇଥିଲେ। ସଭାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ତଦନ୍ତ ରିପୋର୍ଟ ପରେ କାର୍ଯ୍ୟାନୁଷ୍ଠାନ

## ଶିକ୍ଷୟିତ୍ରୀଙ୍କୁ ପ୍ରଧାନ ଶିକ୍ଷକଙ୍କ ଦୁର୍ବ୍ୟବହାର ଘଟଣା

ହାଟଡିହୀ,୮।୩(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡିହୀ ଶିକ୍ଷା ଜିଲାର ମିଠିଗାଁ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗତ ଶନିବାର ବିଦ୍ୟାଳୟ ଛୁଟି ହେବା ପରେ ଜଣେ ମହିଳା ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭଯୋଗ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଶିକ୍ଷୟିତ୍ରୀ ଅଭିଯୋଗ କରିବା ପରେ ହାଟଡିହୀ ବିଇଓ ରାଜୀବ ଦଳେଇ ଆଇସିସି କମିଟି ଜରିଆରେ ତଦନ୍ତ ରିପୋର୍ଟ ମଗାଇଥିଲେ। ଘଟଣା ସମ୍ପର୍କରେ ବିଇଓ ଦଳେଇ କହିଛନ୍ତି ଯେ, ତଦନ୍ତ ରିପୋର୍ଟ ଆସିବା ପରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି। ସୋମବାର କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟ ପ୍ରକାଶ କରାଯିବ।

ଘଟଣା ସମ୍ପର୍କରେ ବିଦ୍ୟାଳୟ କମିଟି ଚେୟାରମ୍ୟାନ ଅନାମ ପଲତା କହିଛନ୍ତି ଯେ, ଗତ ଶନିବାର ପ୍ରଧାନ ଶିକ୍ଷକ ବାବୁଲା ବେହେରା ବିଦ୍ୟାଳୟ ଛୁଟି ହେବା ପରେ ମନ୍ଦ ଉଦ୍ଦେଶ୍ୟରେ ଶିକ୍ଷୟିତ୍ରୀଙ୍କ ହାତ ଧରି ଅଫିସ ଭିତରକୁ ଡାକିଥିବା ଅଭିଯୋଗ ପାଇଥିଲେ। ପରେ ବିଦ୍ୟାଳୟ କମିଟି ଏବଂ ଗ୍ରାମର ବରିଷ୍ଠ ବ୍ୟକ୍ତିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଘଟଣା ସମ୍ପର୍କରେ ଆଲୋଚନା ଚାଲୁଥିବା ବେଳେ ଶିକ୍ଷୟିତ୍ରୀ ଜଣକ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ଜୋତାରେ ପିଟିଥିଲେ। ପରେ ବୈଠକ ଜରିଆରେ ଆପୋଷ ମିଳାମିଶାରେ ଘଟଣା ସମାଧାନ ହୋଇଛି। ପ୍ରଧାନ ଶିକ୍ଷକ ବାବୁଲା ବେହେରା କହିଛନ୍ତି ଯେ, ଯାହା ଘଟଣା ଘଟିଥିଲା ସେ ସବୁ ସମାଧାନ ହୋଇଯାଇଛି।

# ମହିଳା ଦିବସ ଅବସରରେ ଶକ୍ତି ପଦଯାତ୍ରା


କେନ୍ଦୁଝର ସହରରେ ବାହାରିଥିବା ପଦଯାତ୍ରା।

କେନ୍ଦୁଝର, ୮।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ତୃତୀୟ ଦିନ ତଥା ଉଦ୍‌ଯାପନୀ ଅବସରରେ ରବିବାର କେନ୍ଦୁଝର ସହରରେ ଏକ ବିଶାଳ 'ଶକ୍ତି ପଦଯାତ୍ରା' ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହ୍ୟାଣ୍ଡବଲ୍ ଗ୍ରାଉଣ୍ଡଠାରେ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକ, କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ ଏବଂ ଉପଜିଲାପାଳ ଉମାଶଙ୍କର ଦଳେଇ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ପଦଯାତ୍ରା ଶୁଭାରମ୍ଭ କରିଥିଲେ। 'ସେ ଚାଲିଲେ, ଭାରତ ଚାଲେ' ବିଷୟବସ୍ତୁକୁ ଆଧାର କରି ଆୟୋଜିତ ଏହି ପଦଯାତ୍ରା ମହିଳା ସଶକ୍ତୀକରଣର ଏକ ନୂତନ ବାର୍ତ୍ତା ଦେଇଛି। ଯେତେବେଳେ ଜଣେ ମହିଳା ଆଗକୁ ବଢ଼ନ୍ତି, ସେତେବେଳେ ସମଗ୍ର ଦେଶ ପ୍ରଗତି ପଥରେ ଅଗ୍ରସର ହୁଏ ବୋଲି ଏହି ବିଷୟବସ୍ତୁ ମାଧ୍ୟମରେ ସମାଜକୁ ବାର୍ତ୍ତା ଦିଆଯାଇଛି। ଏନ୍‌ସିସି, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ, ଆଇସିଡିଏସ୍ କର୍ମଚାରୀ, ମହିଳା ପୋଲିସ ଓ ବହୁସଂଖ୍ୟାରେ ମହିଳା ଯୋଗଦେଇ ନାରୀ ଶକ୍ତି ପ୍ରଦର୍ଶନ କରିଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ମହିଳା ବିଶେଷକରି ଗୃହିଣୀ ଏବଂ ଛାତ୍ରୀମାନଙ୍କ ମଧ୍ୟରେ ଏକତା, ଆତ୍ମବିଶ୍ୱାସର ଭାବନା ଜାଗ୍ରତ କରାଯାଇଛି। ଜିଲା କ୍ରୀଡ଼ା ଅଧିକାରୀ ସରୋଜ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଶୁକ୍ରବାରଠାରୁ ତିନିଦିନିଆ ଉତ୍ସବ ଆରମ୍ଭ ହୋଇଥିଲା।

# ରାଜ୍ୟର ସର୍ବାଙ୍ଗୀନ ବିକାଶକୁ ଦୃଷ୍ଟିରେ ରଖି ବଜେଟ ହୋଇଛି: ମନ୍ତ୍ରୀ

କେନ୍ଦୁଝର, ୮।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟର ସର୍ବାଙ୍ଗୀନ ବିକାଶକୁ ଦୃଷ୍ଟିରେ ରଖି ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ ଘୋଷଣା କରାଯାଇଛି ବୋଲି ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି। ରବିବାର କେନ୍ଦୁଝରଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ୨୦୨୬-୨୭ ଆର୍ଥିକ ବର୍ଷର ରାଜ୍ୟ ବଜେଟ ସମ୍ପର୍କରେ ମନ୍ତ୍ରୀ ଏହା କହିବା ସହ ବଜେଟର ବିଭିନ୍ନ ଦିଗ ଓ ଜନକଲ୍ୟାଣକାରୀ ଯୋଜନା ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି।

ମନ୍ତ୍ରୀ କହିଥିଲେ, ଏହି ବଜେଟରେ ଶିକ୍ଷା, ସାମାଜିକ ସୁରକ୍ଷା, ନାଗରିକ ସେବା, ଗ୍ରାମୀଣ ବିକାଶ ଓ ପ୍ରଶାସନିକ ସଂସ୍କାର ପରି ୬ଟି ପ୍ରମୁଖ ସ୍ତମ୍ଭ ଉପରେ ଗୁରୁତ୍ୱ ଦିଆଯାଇଛି। ଆର୍ଥିକ ଅଭିବୃଦ୍ଧି ଓ ପୁଞ୍ଜି ବିନିଯୋଗ ରାଜ୍ୟର ଅର୍ଥନୀତିକୁ ଗତିଶୀଳ କରିବା ପାଇଁ ପୁଞ୍ଜି ନିବେଶକୁ ୫୮ ପ୍ରତିଶତ ବୃଦ୍ଧି କରାଯାଇଛି। ରାଜ୍ୟର ସକଳ ଘରୋଇ ଉତ୍ପାଦ ବର୍ତ୍ତମାନ ୪୨,୯୫୨ କୋଟି ଟଙ୍କା ରହିଛି, ଏହା ପୂର୍ବବର୍ଷ ତୁଳନାରେ ୧୨% ଅଧିକ। ସରକାରୀ ଖର୍ଚ୍ଚକୁ ସନ୍ତୁଳିତ ରଖିବା ପାଇଁ ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ରଖାଯାଇଛି। ନୂଆ ଆମ୍ବୁଲାନ୍ସ ସେବା ଏବଂ ସ୍ୱାସ୍ଥ୍ୟ କାର୍ଡ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ ପ୍ରତ୍ୟେକ ନାଗରିକଙ୍କ ପାଖରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ମହିଳା ଓ ଶିଶୁ କଲ୍ୟାଣ ତଥା ମହିଳାଙ୍କ ସଶକ୍ତୀକରଣ ପାଇଁ ୫୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରାଯାଇଛି। ମିଶନ ଶକ୍ତି ପାଇଁ ୨୮୦୪ କୋଟି ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ଅଧୀନରେ ମଡେଲ ସ୍କୁଲ, ଏକଲବ୍ୟ ବିଦ୍ୟାଳୟର ଉନ୍ନତୀକରଣ ନିମନ୍ତେ ବଡ଼ ଅଙ୍କର ପାଣ୍ଠି ବ୍ୟୟବରାଦ ହୋଇଛି। ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ 'ସମଗ୍ର ଶିକ୍ଷା' ଯୋଜନାରେ ୩,୮୦୫ କୋଟି ଟଙ୍କା ରଖାଯାଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଲାଗି ୧,୨୨୪ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଏହାଦ୍ୱାରା କେନ୍ଦୁଝର ଜିଲାବାସୀ ଉପକୃତ ହେବେ। କେନ୍ଦୁଝର ଜିଲା ନିମନ୍ତେ ସ୍ୱତନ୍ତ୍ର ଡିପିଆର୍ ପ୍ରସ୍ତୁତ କରାଯାଇଛି। ପୂର୍ବ ସରକାରଙ୍କ ଅଧା ରହିଥିବା କାମଗୁଡ଼ିକୁ ତୁରନ୍ତ ଶେଷ କରିବାକୁ କାର୍ଯ୍ୟ ଜାରି ରହିଛି। ଜିଲାରେ ଚାଷୀମାନଙ୍କ ପାଇଁ ଆଧୁନିକ ଗୋଦାମ ଘର ଓ ମଡେଲ ମଣ୍ଡି ନିର୍ମାଣ କରାଯିବ। ଏଥିସହ ମୁଖ୍ୟମନ୍ତ୍ରୀ-କିଷାନ ଯୋଜନା ପାଇଁ ୨୦୩୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ବୁଣାକାରଙ୍କ ପାଇଁ 'ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ଯୋଜନା' କାର୍ଯ୍ୟକାରୀ କରାଯାଇଛି। ଜିଲାରେ ଜଳସେଚନ ସୁବିଧା ପାଇଁ ୨୦,୦୦୦ ଗଭୀର ନଳକୂପ ଖନନ ଏବଂ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନାରେ ଅନେକ ନୂତନ ଚେକ୍‌ଡ୍ୟାମ୍ ନିର୍ମାଣ କରାଯିବ। ଜଳ ଜୀବନ ମିଶନ ଏବଂ 'ସୁଜଳା' ଯୋଜନା ମାଧ୍ୟମରେ କେନ୍ଦୁଝରର ପ୍ରତି ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। କ୍ରୀଡ଼ା କ୍ଷେତ୍ରରେ ୧୩୫୯ କୋଟି ଟଙ୍କା ବ୍ୟୟ କରାଯିବ, ଯାହାଦ୍ୱାରା ଜିଲାର କ୍ରୀଡ଼ାବିତ୍‌ମାନେ ଉନ୍ନତ ପ୍ରଶିକ୍ଷଣ ଓ ଭିତ୍ତିଭୂମି ପାଇପାରିବେ। ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ବ୍ୟାପକ ଚାରାରୋପଣ ଓ ସଂରକ୍ଷଣ କାର୍ଯ୍ୟ କରାଯିବାକୁ ଯୋଜନା କରାଯାଇଛି। ମନ୍ତ୍ରୀ ବଜେଟ ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ ଆଗାମୀ ଦିନରେ ଏହି ଜିଲା କିପରି ବିକାଶର ନୂଆ ଶିଖର ଛୁଇଁବ, ସେନେଇ ନିଜର ମତ ରଖିଥିଲେ। ଖବରଦାତା ସମ୍ମିଳନୀରେ କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ ଉପସ୍ଥିତ ଥିଲେ।

# 'ମହିଳାଙ୍କ ତ୍ୟାଗ ଦ୍ୱାରା ପରିବାର ସୁଦୃଢ଼ ହୁଏ'



କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନେ।

## ଯୋଡ଼ା କଲ୍ୟାଣ ମଣ୍ଡପରେ ବିଶ୍ୱ ମହିଳା ଦିବସ ପାଳିତ

ଯୋଡ଼ା,୮।୩ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା କଲ୍ୟାଣ ମଣ୍ଡପଠାରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ଯୋଡ଼ା ପୌର ପରିଷଦର ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର, ଖବରଦାତା ସରୋଜିନୀ ଶତପଥୀ, ଡାକ୍ତର ଆରିୟା ଅଲୌକିକା ସେନାପତି, କୃଷି ଅଧିକାରିଣୀ ସଂଯୁକ୍ତା ମୁଣ୍ଡା, ଓକିଲ ଡାଳିମ୍ବ ପାତ୍ର ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଦିବସର ଶୁଭାରମ୍ଭ କରିଥିଲେ। ଦୁର୍ଗା ବାହିନୀ ସମିତି, ଯୋଡ଼ା ତରଫରୁ ସ୍ୱାଗତ ସଂଗୀତ ଗାନ କରିବା ସହିତ ନୃତ୍ୟ ପରିବେଷଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅତିଥିମାନେ ମହିଳା ଦିବସ ଅବସରରେ ନିଜ ନିଜର ବକ୍ତବ୍ୟ ପ୍ରଦାନ ମାଧ୍ୟମରେ,ମହିଳା ହେଉଛନ୍ତି ସୃଷ୍ଟିର ଆଧାର। ଜଣେ ମହିଳା ଏକା ସମୟରେ ମା, ଭଉଣୀ, ଝିଅ ଓ ସହଧର୍ମିଣୀ ଭାବେ ପରିବାର ଓ ସମାଜକୁ ଶୃଙ୍ଖଳିତ ରଖନ୍ତି। ମହିଳାମାନଙ୍କ ତ୍ୟାଗ, ସ୍ନେହ ଓ ସେବା ଦ୍ୱାରା ପରିବାର ଓ ସମାଜ ସୁଦୃଢ଼ ହୁଏ କହିଥିଲେ। ଏହି ଦିବସରେ ମହିଳାମାନଙ୍କ ଦ୍ୱାରା ବର୍ଜ୍ୟବସ୍ତୁରୁ ବିଭିନ୍ନ ଗୃହ ଉପକରଣ ପ୍ରସ୍ତୁତି, ମ୍ୟୁଜିକ ଚେୟାର ପ୍ରତିଯୋଗିତା ଓ ଦୁର୍ଗା ବାହିନୀ ସମିତିର ମହିଳା ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଯୋଡ଼ା ପୌର ପାଳିକା ଓ ଦୁର୍ଗା ବାହିନୀ ସମିତିର ମିଳିତ ଉଦ୍ୟମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଯୋଡ଼ା ପୌରପାଳିକାର କର୍ମଚାରୀମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଡ଼ାରୁ ୨୦୦ରୁ ଅଧିକ ମହିଳା ଯୋଗ ଦେଇଥିଲେ। ପୌର ପାଳିକା ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର ଧନ୍ୟବାଦ ଦେଇଥିଲେ।

# ଜଳିଗଲା ସିମେଣ୍ଟ ବୋଝେଇ ଟ୍ରକ

ଆନନ୍ଦପୁର, ୮।୩(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ୨୦ନଂ. ଜାତୀୟ ରାଜପଥ ବେଲବାହାଳୀ ଗୁଞ୍ଜନ ହୋଟେଲ ସାମ୍ନାରେ ହୁତୁ ହୁତୁ ହୋଇ ଜଳିଗଲା ୧୬ଚକିଆ ସିମେଣ୍ଟ ବୋଝେଇ ଟ୍ରକ। ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିଛନ୍ତି। ରାମଚନ୍ଦ୍ରପୁର ଥାନା ବେଲବାହାଳୀ ଗାଁ ନିକଟ ସିଆପଡା ଛକ ନିକଟରେ ଥିବା ଗୁଞ୍ଜନ ହୋଟେଲକୁ ଡ୍ରାଇଭର ଗାଡି ରଖି ଖାଇବା ପାଇଁ ଯାଇଥିବା ବେଳେ ଅଚାନକ ଜଳିବା ଆରମ୍ଭ କରିଥିଲା ଗାଡି। ସ୍ଥାନୀୟ ଲୋକେ




ଗାଡିଟି ହୁ ହୁ ହୋଇ ଜଳୁଥିବା ଦେଖି ଡ୍ରାଇଭରଙ୍କୁ ଡାକିବା ସହିତ ଘଷିପୁରା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏହି ଗାଡି(ନଂ. ଓଡି୦୫ବିଏ୭୨୦୬) କଟକରୁ ସିମେଣ୍ଟ ବୋଝେଇ କରି କେନ୍ଦୁଝର ଯାଉଥିବା ସୂଚନା ମିଳିଛି।

# 'ମହିଳାଙ୍କ ପାଇଁ କେବଳ ଅର୍ଥରାଶି ନୁହେଁ, ଏକ ଉପହାର'


ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଜିଲାପାଳ ବିଶାଳ ସିଂହ ଓ ଅନ୍ୟ ଅଧିକାରୀ।

## ସୁଭଦ୍ରାର ୪ର୍ଥ କିସ୍ତି ପ୍ରଦାନ ନେଇ ଜିଲାସ୍ତରୀୟ ଉତ୍ସବ

କେନ୍ଦୁଝର, ୮।୩ (ନରେଶ ଚନ୍ଦ୍ର ପଟ୍ଟନାୟକ

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରବିବାର 'ସୁଭଦ୍ରା' ଯୋଜନାର ୪ର୍ଥ କିସ୍ତି ଟଙ୍କା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲାସ୍ତରୀୟ ଉତ୍ସବରେ ମୁଖ୍ୟଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଜିଲାର ହଜାର ହଜାର ମହିଳାଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା 'ଗିଫ୍ଟ ଟୁ ଗିଭ୍' ବାର୍ତ୍ତା। ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ, ସରକାର ଦେଉଥିବା ଏହି ସହାୟତା ମା' ମାନଙ୍କ ପାଇଁ କେବଳ ଏକ ଅର୍ଥରାଶି ନୁହେଁ, ବରଂ ଏକ ଉପହାର। ଏହି ଉପହାର ମାଧ୍ୟମରେ ମହିଳାମାନେ ସ୍ୱାବଲମ୍ବୀ ହୋଇ ନିଜ ପରିବାର ଓ ସମାଜର ଉନ୍ନତି ପାଇଁ ସହଯୋଗର ହାତ ବଢ଼ାଇବେ। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ସହ ସେମାନଙ୍କ ସାମାଜିକ ମର୍ଯ୍ୟାଦା ବୃଦ୍ଧି କରିବାରେ ଏକ ମାଇଲଖୁଣ୍ଟ ସଦୃଶ ହେବ ବୋଲି ଆଶା କରାଯାଉଥିବା ମନ୍ତ୍ରୀ କହିଥିଲେ। ଏହି ଅବସରରେ ପୁରୀଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖାଯାଇଥିଲା। ଜିଲାପାଳ ବିଶାଳ ସିଂହ, ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକ, କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ, ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ ଓ ସମାଜ କଲ୍ୟାଣ ଅଧିକାରୀ ସବିତା ଦାସ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷ ହେବା ପରେ ମନ୍ତ୍ରୀ ଏକ ଖବରଦାତା ସମ୍ମିଳନୀରେ ସୁଭଦ୍ରା ଯୋଜନାର ସଫଳ ରୂପାୟନ, ହିତାଧିକାରୀଙ୍କ ସୁବିଧା ଏବଂ ଜିଲାର ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ।

# ତରବରିଆ କାଠ ଡିପୋ ଖୋଲିବାକୁ ନେଇ ଅସନ୍ତୋଷ

ପାଟଣା,୮।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ପୁଟୁଳିଆରେ ଓଡ଼ିଶା ବନ ଉନ୍ନୟନ ନିଗମ ପକ୍ଷରୁ ଶନିବାର ସନ୍ଧ୍ୟାରେ ଖୁଚୁରା ଜାଳକାଠ ବିକ୍ରୟ କେନ୍ଦ୍ର (କାଠ ଡିପୋ) ଅତ୍ୟନ୍ତ ତରବରିଆ ଭାବେ ଉଦ୍‌ଘାଟିତ ହୋଇଛି। ପ୍ରାଥମିକ ଭାବେ ମାତ୍ର ୩୦ କୁଇଣ୍ଟାଲ କାଠ ଡିପୋରେ ମହଜୁଦ ରହିଥିବା ଓଏଫ୍‌ଡିସି ମ୍ୟାନେଜର ସମୀକ୍ଷା ବଳ କହିଛନ୍ତି। ତେବେ କୁଇଣ୍ଟାଲ ପିଛା ୩୮୦ କିମ୍ବା ୩୬୦ ଟଙ୍କା ଦରରେ କାଠ ବିକ୍ରି ହେବ ସେ ନେଇ ନିଷ୍ପତ୍ତି ହୋଇ ନାହିଁ। ପାଟଣା ଅଞ୍ଚଳର ବୁଦ୍ଧିଜୀବିଙ୍କ ତରଫରୁ ଏ ନେଇ ବିଭିନ୍ନ ଫୋରମରେ କାଠ ଡିପୋ ଖୋଲିବା ନେଇ ଦାବି ହୋଇଆସୁଥିଲା। ତେବେ ଓଡ଼ିଶା ବନ ଉନ୍ନୟନ ନିଗମ ଜନସାଧାରଣ ଓ ଗଣମାଧ୍ୟମର ଅଗୋଚରରେ କାଠ ଡିପୋ ଖୋଲିବାକୁ ନେଇ ନାନା କଥା ଶୁଣିବାକୁ ମିଳିଛି। ଏପରିକି କାଠ ଡିପୋ ଖୋଲିବାକୁ ଦାବି କରିଆସୁଥିବା ବୁଦ୍ଧୀଜୀବିଙ୍କୁ ମଧ୍ୟ ଉଦ୍‌ଘାଟନ ଉତ୍ସବକୁ ଡାକରା ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇ ଫିତା କାଟି ଏହି ଡିପୋକୁ ଉଦ୍‌ଘାଟନ କରିଛନ୍ତି। ସମ୍ମାନୀତ ଅତିଥି ଭାବେ ବଡ଼ପାଟଣା ସରପଞ୍ଚ ବିନତୀ ବାନରା, ଡିଏଫ୍‌ଓ ଧନରାଜ ହନୁମନ୍ତ ଧାମଧେର, ଓଡ଼ିଶା ବନ ଉନ୍ନୟନ ନିଗମ ସବ୍ ଡିଭିଜନାଲ ମ୍ୟାନେଜର ସମୀକ୍ଷା ବଳ, ଡେପୁଟି ଡିଭିଜନାଲ ମ୍ୟାନେଜର ସୌମ୍ୟ ସମିତ ସାହୁ, ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାୟକ, ବିଡିଓ ମାନସ କୁମାର ଦଣ୍ଡପାଟ, ଅତିରିକ୍ତ ତହସିଲଦାର ରବି ଶଙ୍କର ହେମ୍ବ୍ରମ, ରେଞ୍ଜର ବନ ବିହାରୀ ସର୍ଦ୍ଦାର, ଅଗ୍ନିଶମ କେନ୍ଦ୍ର ଅଧିକାରୀ ଗୌର ମୋହନ ହେମ୍ବ୍ରମ, ପାଟଣା ବିଧାୟକଙ୍କ ବ୍ଲକ ପ୍ରତିନିଧି କମଳାକାନ୍ତ ଦାଶ, ବନପାଳ ନିରଞ୍ଜନ ସେଠୀଙ୍କ ସହ ବନ କର୍ମଚାରୀମାନେ ଉପସ୍ଥିତ ଥିଲେ।

# 'ରାଜ୍ୟରେ ମହିଳାଙ୍କୁ ସଶକ୍ତ କରିଛି ସୁଭଦ୍ରା ଯୋଜନା'

ବାଲେଶ୍ୱର, ୮।୩( ବାଞ୍ଛାନିଧି ଦେ)


କାର୍ଯ୍ୟକ୍ରମରେ ମଞ୍ଚାସୀନ ବିଧାୟକ, ଜିଲାପାଳ ଓ ଅତିଥିଗଣ।

ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନଠାରେ ଜିଲା ପ୍ରଶାସନ ଆନୁକୂଲ୍ୟରେ ରବିବାର ଜିଲାସ୍ତରୀୟ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି କାର୍ଯ୍ୟକ୍ରମ ଓ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ମହିଳାମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରି ନିଜର ସ୍ୱତନ୍ତ୍ର ପରିଚାଳନା ସୃଷ୍ଟି କରିପାରିଛନ୍ତି ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ସୁଧାକର ନାଏକ ସ୍ୱାଗତଭାଷଣ ଦେଇଥିଲେ। ମୁଖ୍ୟଅତିଥି ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ଭାଜପା ସରକାରଙ୍କ ସୁଭଦ୍ରା ଯୋଜନା ସମଗ୍ର ରାଜ୍ୟରେ ମହିଳାଙ୍କୁ ସଶକ୍ତ କରିଛି। ରାଷ୍ଟ୍ର ଗଠନରେ ମହିଳାଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଡିଏସ୍‌ପି ନିବେଦିତା ସୋରେନ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଜ୍ୟୋତ୍ସ୍ନା ମହାନ୍ତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରିଣୀ ନିର୍ଲିପ୍ତା ମହାନ୍ତି, ଜିଲା ସାମାଜିକ ସୁରକ୍ଷା ଅଧିକାରିଣୀ ପ୍ରତିଭା ବେହେରା ପ୍ରମୁଖ କ୍ରୀଡା, ଶିକ୍ଷା, ସମାଜ ସେବା, କୃଷି ଆଦି କ୍ଷେତ୍ରରେ ମହିଳାମାନେ ସଫଳତାର ଶୀର୍ଷରେ ପହଞ୍ଚିପାରିଛନ୍ତି ବୋଲି ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଜିଲା ଅନ୍ତର୍ଗତ ବହୁ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପୁରୀରୁ ଭର୍ଚୁଆଲ ମୋଡରେ ଯୋଡ଼ି ହୋଇଥିଲେ। ଡିବିଟି ମାଧ୍ୟମରେ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତିର ଅର୍ଥରାଶି ହିତାଧିକାରୀଙ୍କ ଆକାଉଣ୍ଟରେ ଡିପୋଜିଟ ହୋଇଥିଲା। ମୁଖ୍ୟମନ୍ତ୍ରୀ ୧କୋଟି ୨ଲକ୍ଷ ୧୨ହଜାର ୬୬୫ ଜଣ ସୁଭଦ୍ରା ଯୋଜନାର ପ୍ରତ୍ୟେକ ହିତାଧିକାରୀଙ୍କ ଆକାଉଣ୍ଟକୁ ୫ହଜାର ଟଙ୍କା ଲେଖାଏଁ ମୋଟ ୫,୧୦୬ କୋଟି ୩୩ ଲକ୍ଷ ୨୫ ହଜାର ଟଙ୍କା ହସ୍ତାନ୍ତର କରିଥିଲେ। ଅନ୍ତର୍ଜାତୀୟ ମହିଳା ଦିବସର ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ ସୁଭଦ୍ରା ଯୋଜନା ଆଜି ରାଜ୍ୟର ମହିଳାମାନଙ୍କ ପାଇଁ ଆତ୍ମବିଶ୍ୱାସ ଓ ଆତ୍ମନିର୍ଭରତାର ସ୍ରୋତ ହୋଇପାରିଛି ବୋଲି କହିଥିଲେ।

## ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ ଓ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ଉଦ୍‌ଘାଟିତ



ଜଳେଶ୍ୱର, ୮।୩(ନବୀନ ସାହୁ)

ଜଳେଶ୍ୱର ବ୍ଲକ ଅଧୀନ କୋଟସାହି ପଞ୍ଚାୟତ ସୁବର୍ଣ୍ଣରେଖା ନଦୀପଠା ଶନିବାର ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରିବେଶରେ ଉତ୍ସବମୁଖର ହୋଇଉଠିଛି। ବହୁ ପ୍ରତୀକ୍ଷିତ ଜଳେଶ୍ୱର ନିର୍ବାଚନମଣ୍ଡଳୀ ସ୍ତରୀୟ 'ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ' ସହିତ 'ଶ୍ରୀ ଜଗନ୍ନାଥଙ୍କ ୩୨ବେଶ' ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହି ମହୋତ୍ସବକୁ ଉଦ୍‌ଘାଟନ କରି ଏଭଳି କାର୍ଯ୍ୟକ୍ରମ ଅଞ୍ଚଳବାସୀଙ୍କ ମଧ୍ୟରେ ଭାଇଚାରା ବୃଦ୍ଧି କରିବା ସହ ଜଗନ୍ନାଥ ଚେତନାକୁ ସୁଦୂରପ୍ରସାରୀ କରିବାରେ ସହାୟକ ହେବ। ସାମାଜିକ କର୍ମୀ ବିଶ୍ୱନାଥ ଦାସ ମହାପାତ୍ର ସ୍ୱାଗତଭାଷଣ ଦେଇଥିବା ବେଳେ ମହୋତ୍ସବର ମୁଖ୍ୟ ପୃଷ୍ଠପୋଷକ ଥିଲେ ଭାଜପା ନେତା ବ୍ରଜମୋହନ ପ୍ରଧାନ। ମୁଖ୍ୟବକ୍ତା ଭାବେ ଯୁବନେତା ଚନ୍ଦ୍ରବିନ୍ଦୁ ଦାଶ ଯୋଗ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ମଞ୍ଜୁବାଳା ପ୍ରଧାନ, ରାଜେଶ ଜେନା, ରାଜେଶ ଖଟୁଆ, ଅନୁପ କୁମାର ପ୍ରଧାନ, ସନ୍ଦୀପ କୁମାର ଜେନା ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ରାସ ବିହାରୀ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ଏକ ବିଶାଳ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଶ୍ରୀ ଜଗନ୍ନାଥଙ୍କ 'ଆଜ୍ଞାମାଳ' କୁ ନେଇ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ସ୍ଥାନୀୟ ଅଞ୍ଚଳ ପରିକ୍ରମା କରି ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲା। ସଭା ପରେ କଣ୍ଠଶିଳ୍ପୀ ଶ୍ରୀଚରଣ ଓ ମାନସୀ ପାତ୍ରଙ୍କ ଦ୍ୱାରା ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା।

## ପିଏମଶ୍ରୀ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳିତ

କାଳିପଦା, ୮।୩(ରାଜଶ୍ରୀ ପାଣିଗ୍ରାହୀ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ତାପୁଣ୍ଡିଆସ୍ଥିତ ପିଏମଶ୍ରୀ କୁଞ୍ଜବିହାରୀ କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶରେ ବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ପକ୍ଷ ଅବସରରେ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତନ୍ମଧ୍ୟରୁ ସ୍ୱଚ୍ଛ ଭାରତ ପରିକ୍ରମା, ବର୍ଜ୍ୟବସ୍ତୁ ସଦୁପଯୋଗ, ବିଦ୍ୟାଳୟ ପରିସରରେ ପରିଷ୍କାର ପରିଚ୍ଛନ୍ନ, ଶ୍ରମଦାନ ଦିବସ, ହାତଧୁଆ ଦିବସ ବୃକ୍ଷରୋପଣ, ସ୍ୱଚ୍ଛତା ସଚେତନତା ପଦଯାତ୍ରା, ସଚେତନତାମୂଳକ ଚିତ୍ରାଙ୍କନ, ରଚନା ପ୍ରତିଯୋଗିତା, ପାନୀୟ ଜଳର ସଦୁପଯୋଗ ତଥା ସ୍ୱଚ୍ଛତା ବୈଷୟିକ ଆଲୋଚନାଚକ୍ର ପ୍ରମୁଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକ ଏସବୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିକ୍ଷକମାନଙ୍କ ଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଯାଉଛି।

## ୧୫କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ହେବ ବାଲେଶ୍ୱର ସହରର ବିକାଶ



କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପି, ବିଧାୟକ ଓ କାଉନ୍‌ସିଲରମାନେ।

ବାଲେଶ୍ୱର, ୮।୩(ବାଞ୍ଛାନିଧି ଦେ)

### ■ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଶୁଭାରମ୍ଭ

ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା (ଏମଏସବିୱାଇ) ଅନ୍ତର୍ଗତ ରାଜ୍ୟର ୪୭ଟି ପୌରସଂସ୍ଥାରେ ୮୬୨ ଉନ୍ନତିମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଭୁବନେଶ୍ୱରଠାରେ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଶନିବାର ଏହି ପ୍ରକଳ୍ପଗୁଡିକର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟରେ ଭିଡିଓ କନଫେରେନ୍ସିଂ ମାଧ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗ ଦେଇଥିଲେ। ଏହି ଯୋଜନାରେ ବାଲେଶ୍ୱର ପୌରପାଳିକା ଅଞ୍ଚଳର ଉନ୍ନତି ପାଇଁ ୧୫କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ନିମନ୍ତେ ଶୁଭ ଦିଆଯାଇଥିଲା। ଏଥିମଧ୍ୟରେ ୪କୋଟି ୩୬ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ସହରର ଭିତ୍ତିଭୂମି ବିକାଶ, ୧କୋଟି ୧୬ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ସହରୀ ନିଯୁକ୍ତି, ୪୩ଲକ୍ଷ ୬୦ହଜାର ଟଙ୍କା ଖର୍ଚ୍ଚ ଅଟକଳରେ ପାନୀୟଜଳ ପରିଚାଳନା ପରିଷଦର ବିକାଶ, ୪୩ଲକ୍ଷ ୬୦ହଜାର ଟଙ୍କା ଖର୍ଚ୍ଚ ଅଟକଳରେ ପ୍ରାଣୀ ସମ୍ପଦ ବିକାଶ, ୫କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ଗୋଶାଳା ନିର୍ମାଣ, ୨କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ମାର୍କେଟ ବିଲଡିଂ ନିର୍ମାଣ, ୫୦ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ଇଲେକ୍ଟ୍ରି ଭେହିକିଲ ଚାର୍ଜିଂଷ୍ଟେଶନ ସ୍ଥାପନ, ୪୯ଲକ୍ଷ ୭୯ହଜାର ଟଙ୍କା ଖର୍ଚ୍ଚ ଅଟକଳରେ ସହର ରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତ ପୂରଣ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ସମସ୍ତ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଅନୁଦାନ ମଞ୍ଜୁର କରିସାରିଥିବା ମନ୍ତ୍ରୀ ଡା. ମହାପାତ୍ର ସୂଚନା ଦେଇଥିଲେ। ବାଲେଶ୍ୱର ସହରର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ଏହି ଯୋଜନା ଅନ୍ତର୍ଗତ ଅନୁଦାନର ସୁବିନିଯୋଗ ପାଇଁ ଏମ୍‌ପି ଷଡ଼ଙ୍ଗୀ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବିଶେଷ ଭାବେ ଜଳ ନିଷ୍କାସନ ସମସ୍ୟା ନିବାରଣ ଦିଗରେ ତ୍ୱରିତ ପଦକ୍ଷେପ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପ ମାଧ୍ୟମରେ ବାଲେଶ୍ୱର ସହରର ବିକାଶ କାର୍ଯ୍ୟ ଆହୁରି ଅଧିକ ତ୍ୱରାନ୍ୱିତ ହେବ ବୋଲି ସଦର ବିଧାୟକ ଦତ୍ତ କହିଛନ୍ତି। ବାଲେଶ୍ୱର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରିଣୀ ନିର୍ଲିପ୍ତା ମହାନ୍ତି, ପୌରଯନ୍ତ୍ରୀ ସୀମାଞ୍ଚଳ ମିଶ୍ର, କନିଷ୍ଠଯନ୍ତ୍ରୀ ପ୍ରଦୀପ ନାୟକ ପ୍ରମୁଖଙ୍କ ସମେତ କାଉନସିଲର ଉପସ୍ଥିତ ଥିଲେ।

## ପାଗଳ କୁକୁର କାମୁଡାରେ ୭ ଆହତ

ଖଇରା, ୮।୩(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବଜାର ତଥା ଆଖପାଖ ଅଞ୍ଚଳରେ ରବିବାର ପାଗଳ କୁକୁର କାମୁଡାରେ ୭ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୨ଜଣ ଶିଶୁ ରହିଛନ୍ତି। ଆହତମାନେ ହେଲେ ଗଡ ଗ୍ରାମର ଯଦୁନାଥ ବେହେରା, ନୟାଖଣ୍ଡି ଗ୍ରାମର ରବିନାରାୟଣ ଦାସ, ତିଳଦା ଗ୍ରାମର ଦିବ୍ୟାଂଶୁ ଓଝା, ଖଇରାର ଦିବ୍ୟାଂଶୀ ନାୟକ, ମୁକ୍ତାବେଗୁନିଆ ଗ୍ରାମର ହରପ୍ରିୟା ବିଶ୍ୱାଳ ତଥା ଅନ୍ୟ ଜଣେ ମାନସିକ ବିକୃତ ମହିଳା ରହିଛନ୍ତି। ସମସ୍ତଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି।

## କୁଳଡିହା ବନବିଭାଗର ସଚେତନତା ଗଣଦୌଡ଼

ନୀଳଗିରି, ୮।୩(ପ୍ରଶାନ୍ତ କୁମାର ବିଶ୍ୱାଳ)

ଜଙ୍ଗଲକୁ ନିଆଁଦାଉରୁ ସୁରକ୍ଷାଦେବା ପାଇଁ ରବିବାର ଏକ ସଚେତନତା ଗଣଦୌଡ଼ କାର୍ଯ୍ୟକ୍ରମ ନୀଳଗିରି କୁଳଡ଼ିହା ବନବିଭାଗ ପକ୍ଷରୁ ଆୟୋଜିତ ହୋଇଯାଇଛି। ଏହି ଗଣଦୌଡ଼ କଳାକାଦ ଛକଠାରୁ ଆରମ୍ଭ ହୋଇ କୁଳଡ଼ିହା ବାଲିଆନାଳ ଗେଟ ପର୍ଯ୍ୟନ୍ତ ହୋଇଥିଲା। ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ଯୋଗଦେଇ ଶୁଭାରମ୍ଭ କରିବା ସହିତ ଏହି ଗଣଦୌଡ଼ରେ ସାମିଲ ହୋଇଥିଲେ। ଦୀର୍ଘ ୧୦କି.ମି. ବ୍ୟାପୀ ଏହି ଗଣଦୌଡ଼ରେ ଶହେ ପାଖାପାଖି ଜନସାଧାରଣ ଓ କଲେଜ ଛାତ୍ର ଭାଗନେଇ ଜଙ୍ଗଲକୁ ନିଆଁଦାଉରୁ ରକ୍ଷାକରିବା ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ। ପରେ ସମସ୍ତ ଜନସାଧାରଣ ବାଲିଆନାଳ ଗେଟ୍‌ଠାରେ ପହଞ୍ଚିବା ପରେ ଏକ ସଭା ହୋଇଥିଲା। ନୀଳଗିରି ଉପଜିଲାପାଳ ଶୁଭଶ୍ରୀ ରଥ, ବରହମପୁର ଆଇଆଇସି ପ୍ରେମଦା ନାୟକ, କୁଳଡିହା ରେଞ୍ଜର ସୁବ୍ରତ ବେହେରା, ପରିବେଶବିତ୍ ପ୍ରକାଶ ମର୍ଦ୍ଦରାଜ ପ୍ରମୁଖ ଆଗାମୀ ଗ୍ରୀଷ୍ମଋତୁକୁ ଆଖି ଆଗରେ ରଖି ନିଆଁଦାଉରୁ ଜଙ୍ଗଲକୁ ସୁରକ୍ଷା ପ୍ରଦାନ କଲେ ଜୀବଜନ୍ତୁ ସୁରକ୍ଷା ସହ ପରିବେଶ ପ୍ରଦୂଷଣରୁ ମୁକ୍ତ ହୋଇ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ଗଣଦୌଡରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଯୁବକଙ୍କୁ ୫ହଜାର ଟଙ୍କା,୩ହଜାରଟଙ୍କା ଓ ୨ହଜାର ଟଙ୍କା ସହିତ ମାନପତ୍ର ଓ ଟ୍ରଫି ଦିଆଯାଇଥିଲା। ଏହି ଦୌଡ଼ରେ ସଦର ବ୍ଲକ ପୁରୁଷୋତ୍ତମପୁର ଅଞ୍ଚଳର ସିଦ୍ଧାର୍ଥ ଗୌତମ ଜେନା ପ୍ରଥମ, ସୂର୍ଯ୍ୟକାନ୍ତ ପ୍ରଧାନ ଦ୍ୱିତୀୟ ଏବଂ ନୀଳଗିରି ଛୋଟକାନପୁର ଅଞ୍ଚଳର ସତ୍ୟପ୍ରକାଶ ସେଠୀ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।



ଗଣଦୌଡକୁ ଶୁଭାରମ୍ଭ କରାଯାଉଛି।

## ରାସ୍ତା ତଳକୁ ଓଲଟିପଡ଼ିଲା କାର୍

ବାହାନଗା, ୮। ୩(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହନଗା ବ୍ଲକର ୧୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ ହୋଇଥିବା ବାହାନଗା-ତାଳପଦା ମୁଖ୍ୟ ରାସ୍ତାର ଷଠୀ ଛକ ନିକଟରେ ଏକ କାର୍ ଦୁର୍ଘଟଣା ଘଟିଛି। କାର୍‌ଟି ବାହାନଗା ବଜାର଼ରୁ ଗୋପାଳପୁର ଆଡକୁ ଯାଉଥିବା ବେଳେ ହଠାତ୍ ନିୟନ୍ତ୍ରଣ ହରାଇ ରାସ୍ତା ପାର୍ଶ୍ୱରୁ ତଳକୁ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକମାନେ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଗାଡ଼ି ଭିତରେ ଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ଦୁର୍ଘଟଣାଗ୍ରସ୍ତ କାର୍ (ନଂ.ଓଡି ୩୩କେ ୫୧୫୭) ବୋଲି ଜଣାପଡ଼ିଛି। ଦୁର୍ଘଟଣାରେ ଗାଡ଼ିଟି କ୍ଷତିଗ୍ରସ୍ତ ହୋଇଥିବା ବେଳେ ସେଥିରେ ବସିଥିବା ଯାତ୍ରୀ ସୌଭାଗ୍ୟବଶତଃ ବର୍ତ୍ତିଯାଇଛନ୍ତି। ଘଟଣା ପରେ କିଛି ସମୟ ପାଇଁ ସେଠାରେ ଲୋକମାନଙ୍କ ଭିଡ଼ ଲାଗିଥିଲା। ଦୁର୍ଘଟଣା କିପରି ଘଟିଲା ସେନେଇ ଗୋପାଳପୁର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ୨ ବସ୍ ମଧ୍ୟରେ ଦୁର୍ଘଟଣା: ୩୫ ଆହତ, ୫ ଗୁରୁତର

ବାହାନଗା, ୮। ୩(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ୧୬ ନଂ. ଜାତୀୟ ରାଜପଥ ଖନ୍ତାପଡା ନିକଟରେ ରବିବାର ମଧ୍ୟାହ୍ନରେ ୨ଟି ବସ୍ ମଧ୍ୟରେ ଦୁର୍ଘଟଣା ଘଟିଛି। ଏହି ଦୁଇଟିରେ ୮୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଯାଉଥିବା ବେଳେ ୩୫ ଆହତ ହୋଇଛନ୍ତି। ୫ ଜଣ ଯାତ୍ରୀ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। କୁପାରୀରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଆଶୀର୍ବାଦ ବସ୍‌ରୁ ଖନ୍ତାପଡା ବଜାର ବସ୍‌ଷ୍ଟାଣ୍ଡଠାରେ ଯାତ୍ରୀମାନେ ଓହ୍ଲାଉଥିବା ବେଳେ ପୁରୀରୁ ରାଞ୍ଚି ଅଭିମୁଖେ ଯାଉଥିବା ଅନ୍ୟ ଏକ ବସ୍ ଭାରସାମ୍ୟ ହରାଇ ପଛପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଯାତ୍ରୀମାନେ ଗୁରୁତର ଭାବେ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ପ୍ରଥମେ ଖନ୍ତାପଡା ପୋଲିସ ଓ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରି ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପରେ ଅଧିକ ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମେଡିକାଲ କଲେଜକୁ ଚିକିତ୍ସା ପାଇଁ ପଠାଯାଇଛି। ଘଟଣାସ୍ଥଳରେ ଖନ୍ତାପଡା ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିବା ସହ ପୋଲିସ ତଦନ୍ତ ଜାରି ରଖିଛି। ୨ ବସକୁ ଜବତ କରାଯାଇଛି।

## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ବାଲେଶ୍ୱର, ୮।୩(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତ ସ୍ଥିତ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ପୁରାତନ ବିଦ୍ୟାର୍ଥୀ ପରିଷଦ ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଶାସନିକ ଅଧିକାରୀ ନବକୃଷ୍ଣ ଆଚାର୍ଯ୍ୟ, ଶିକ୍ଷାବିତ୍ ସାବିତ୍ରୀରାଣୀ ଦାସ, ନବ କୁମାର ନାୟକ, ସାମାଜିକ କର୍ମୀ ଭବେଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ସମ୍ପାଦକ କବିସୁଧାକର ସେଠୀ ସଂଯୋଜନା କରିଥିଲେ। ସମାଜରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ସାବିତ୍ରୀରାଣୀ ଦାସଙ୍କୁ ଅଞ୍ଚଳର ଶ୍ରେଷ୍ଠ ମହିଳା ସମ୍ମାନ ପରିଷଦ ତରଫରୁ ପ୍ରଦାନ କରାଯାଇଥିଲା। ପରିଷଦର ସଦସ୍ୟାସଦସ୍ୟମାନେ ଉପସ୍ଥିତ ହୋଇ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ସାଂସ୍କୃତିକ ମଞ୍ଚ ଦ୍ୱାରା ପ୍ରତିଭା ବିକଶିତ ହୋଇଥାଏ

### ଧୋବଗଡିଆରେ ଶ୍ରୀରାଧାକୃଷ୍ଣ ଅଷ୍ଟଗ୍ରାମ ମେଳନ

ସିମୁଳିଆ, ୮।୩(ସନ୍ତୋଷ ନାୟକ)

ସିମୁଳିଆ ବ୍ଲକ ଅଧୀନ ଧୋବଗଡିଆ ମେଳନ ପଡିଆରେ ଗତ ଗୁରୁବାର ରାତିରୁ ଆରମ୍ଭ ହୋଇଥିବା ୬୭ତମ ଶ୍ରୀ ରାଧାକୃଷ୍ଣ ଅଷ୍ଟଗ୍ରାମ ମେଳନ ଉତ୍ସବ ପାଳିତ ହେଉଛି। ଗୁରୁବାର ରାତିରେ ଗୋବିନ୍ଦପୁର, ଜାଗୁଳାଇପୁର, ଚନ୍ଦ୍ରପୁର, ମୁରୁଣା, ବାଲିକଣା, ରାଉତପଡା, ଧୋବଗଡିଆ, ବାଙ୍ଗୁରପଦା ଆଦି ବିଭିନ୍ନ ଅଞ୍ଚଳରୁ ୨୨ଟି ସୁସଜ୍ଜିତ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କ ବିମାନ ଶୋଭାଯାତ୍ରାରେ ଆସି ମଣ୍ଡପରେ ବସିଥିଲେ। ଧୋବଗଡିଆ ମେଳନ କମିଟି ପକ୍ଷରୁ ଶନିବାର ସନ୍ଧ୍ୟାରେ ଉପଦେଷ୍ଟା ଅଜୟ କୁମାର ପତ୍ରୀଙ୍କ ମଞ୍ଚ ସଞ୍ଚାଳନାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ରାଜେନ୍ଦ୍ର କୁମାର ମହାପାତ୍ର ଯୋଗଦେଇ ପ୍ରତ୍ୟେକ ମଣିଷମାନଙ୍କ ମଧ୍ୟରେ ପ୍ରତିଭା ରହିଛି ଓ ସାଂସ୍କୃତିକ ମଞ୍ଚ ଦ୍ୱାରା ପ୍ରତିଭା ବିକଶିତ ହୋଇଥାଏ ବୋଲି କହିଥିଲେ। ଅତିଥି ରୂପେ ପ୍ରାକ୍ତନ ବ୍ଲକ ଅଧକ୍ଷ ଗୌରାଙ୍ଗ ଚନ୍ଦ୍ର ପତ୍ରୀ ଧୋବଗଡିଆ ମେଳନ ଉତ୍ସବର ଐତିହ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ସିମୁଳିଆର ଧରିତ୍ରୀ ପ୍ରତିନିଧି ସନ୍ତୋଷ କୁମାର ନାୟକ, ସ୍ଥାନୀୟ ଅଞ୍ଚଳର ପଶୁପତି ଜେନା, ବିଷ୍ଣୁମୋହନ ନାୟକ ଓ ସ୍ୱର୍ଗତଃ ସରପଞ୍ଚ ଭାଗବତ ସାହୁଙ୍କ ଉଦ୍ଦେଶ୍ୟରେ ତାଙ୍କ ସ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସାମାଜିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ହ୍ୟୁମାନ କେୟାର, ଆପଣ ଏକା ନୁହନ୍ତି ଓ ଆୟୁଷମାନ ଫାଉଣ୍ଡେଶନର କର୍ମକର୍ତ୍ତାମାନଙ୍କ ସମେତ କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲା । ମେଳନ କମିଟି ପକ୍ଷରୁ ରବିବାର ପ୍ରବଚନ ଓ ସୋମବାର ଶ୍ରୀରାଧାକୃଷ୍ଣ ପଞ୍ଚକୁଣ୍ଡୀୟ ମହାଯଜ୍ଞ ଓ ପ୍ରସାଦ ସେବନ ଉତ୍ସବ ଅନୁଷ୍ଠିତ ହେବ। ମେଳନ ପଡିଆରେ ବିଭିନ୍ନ ମନୋହରି ଦୋକାନ ବଜାର ସମେତ ଖାଦ୍ୟସାମଗ୍ରୀ, ଘରକରଣା ଉପକରଣ ଦୋକାନର ଭିଡ ଲାଗିଛି। ଅନୁଷ୍ଠାନ ସଭାପତି ନାରାୟଣ ବେହେରା, ସମ୍ପାଦକ ବଂଶୀଧର ବେହେରା, ଶ୍ୟାମସୁନ୍ଦର ପତ୍ରୀଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ଓ ସ୍ଥାନୀୟବାସୀଙ୍କ ସହଯୋଗରେ ଏହି ଉତ୍ସବ ଅନୁଷ୍ଠିତ ହେଉଛି।



ମେଳନ ଉତ୍ସବରେ କଳାକାରମାନଙ୍କୁ ସମ୍ମାନିତ କରାଯାଉଛି।

## ଅଭିଶପ୍ତ ଖଇରା, କେବଳ ଭୋଟ ବେଳେ ମିଳେ ପ୍ରତିଶ୍ରୁତି

### ଘୋଷଣାରେ ଅଟକିଛି କୋର୍ଟ, ଫାଣ୍ଡି ପ୍ରତିଷ୍ଠା ଓ ବିଜ୍ଞାପିତ ଅଞ୍ଚଳ ମାନ୍ୟତା

ଖଇରା, ୮।୩(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକରେ ସ୍ଥାପନା ବା ନିର୍ମାଣ ହେବାକୁ ଥିବା ପ୍ରକଳ୍ପ ଏବେ କେବଳ ଘୋଷଣାରେ ଅଟକିଛି। ବାସ୍ତବ ରୂପାୟନକୁ ନେଇ ଖଇରାବାସୀ ସନ୍ଦିହାନ ହୋଇପଡିଥିବା ବେଳେ ଖଇରାବାସୀଙ୍କ ପାଇଁ ଏବେ ଚିନ୍ତା କରିବାର ସମୟ ଆସିଛି ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ବାଲେଶ୍ୱର ଜିଲାରେ ଭୋଗରାଇ ପରେ ଖଇରା ଦ୍ୱିତୀୟ ବୃହତ୍ତମ ବ୍ଲକ ଭାବେ ପରିଗଣିତ ହେଉଥିଲେ ହେଁ ପ୍ରକଳ୍ପ ସ୍ଥାପନା ଏବଂ ଉନ୍ନୟନମୂଳକ କାର୍ଯ୍ୟର ସଫଳ ରୂପାୟନକୁ ଦେଖିଲେ ଏହା ଏବେ ଏକ ପଛୁଆ ବ୍ଲକ ଭାବେ ପରିଗଣିତ ହୋଇଛି। ଖଇରାରେ କୋର୍ଟ, ଫାଣ୍ଡି ପ୍ରତିଷ୍ଠା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା କେବଳ ଘୋଷଣା ଏବଂ ପ୍ରତିଶ୍ରୁତିରେ ଅଟକି ରହିଥିବାରୁ ରାଜନୈତିକ ନେତୃବୃନ୍ଦ କେବଳ ଖଇରବାସୀଙ୍କୁ କେବଳ ଭକୁଆ କରି ରଖାଯାଇଛି। ୨୦୨୪ ଅଗଷ୍ଟ ୭ରେ ଓଡିଶାର ୬୫ ସ୍ଥାନରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଖୋଲିବାକୁ ଚିଠି କରାଯାଇଥିଲା। ଏଥିରେ ଖଇରା ତଥା ପଡୋଶୀ ଔପଦା ବ୍ଲକର ନାମ ମଧ୍ୟ ରହିଥିଲା। ଔପଦାରେ କୋର୍ଟ ୬ମାସ ତଳୁ କାର୍ଯ୍ୟକ୍ଷମ ହୋଇସାରିଥିବା ବେଳେ ଖଇରା କୋର୍ଟ ଆରମ୍ଭ ଅନିଶ୍ଚିତତା ଦେଇ ଗତି କରୁଛି । ଅସ୍ଥାୟୀ ଭାବେ ଖଇରା ବ୍ଲକ ପରିସରରେ ଖୋଲିବାକୁ ନିଷ୍ପତ୍ତି ନିଆଯିବା ଏବଂ ଏଥିରେ ବିଭିନ୍ନ ସମୟରେ ଜିଲା ବିଚାରପତି ପରିଦର୍ଶନରେ ଆସିଥିଲେ ହେଁ ଆଶାନୁରୂପ ଅଗ୍ରଗତି ହୋଇପାରିନାହିଁ। ସେହିଭଳି ୨୦୨୩ରେ ତୁଡିଗଡିଆରେ ଫାଣ୍ଡି ପ୍ରତିଷ୍ଠା ପାଇଁ ସରକାରଙ୍କ ଅନୁମୋଦନ ଲାଭ ପରେ ଖଇରା ତହସିଲ ଓ ଥାନା ପକ୍ଷରୁ ସୀମା ନିର୍ଦ୍ଧାରଣ ସହ ସ୍କେଚମ୍ୟାପ ପ୍ରସ୍ତୁତ କରାଯାଇଥିଲା। ନିକଟରେ ବାଲେଶ୍ୱର ଜିଲାର ଅନନ୍ତପୁରରେ ନୂଆ ଥାନା ଉଦ୍‌ଘାଟନ ହୋଇଯାଇଥିବା ବେଳେ ତୁଡିଗଡିଆ ପାଇଁ କେହି ଆନ୍ତରିକତା ଦେଖାଇନାହାନ୍ତି। ସେହିଭଳି ବିଜେଡି ସରକାରରେ ଖଇରାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ମିଳିଥିବା ବେଳେ ଭାଜପା ସରକାରର ନୂଆ ତାଲିକାରେ ଖଇରା ବାଦ୍ ପଡିଲା ଏବଂ ଖଇରା ପରବର୍ତ୍ତୀ ସମୟରେ ଘୋଷଣା କରାଯିବ ବୋଲି କିଛି ନେତୃବୃନ୍ଦ ଏହାକୁ ଅଟକାଇ ରଖିବା ନେଇ ଅଭିଯୋଗ ହୋଇଥିଲା। ଏହଛଡା ବ୍ଲକର ୯ଟି ପଡାଗ୍ରାମ କଦଳୀଗଡିଆ, ଅଲିପୁର, ଆମ୍ବହତା, ବରଗିଡି, କୁରୁଣ୍ଟାଶାସନ, ରମଦା, ମାହାରାସାହି, ପାତ୍ରଖୁଣ୍ଟା ଓ ବଡମୁହାଁଙ୍କୁ ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ଜିଲାପାଳ ଏବଂ ଖଇରା ତହସିଲକୁ ଆନୁଷଙ୍ଗିକ କାର୍ଯ୍ୟ ସାରିବାକୁ ଚିଠି କରାଯାଇଥିଲେ ହେଁ ଏହା କେବଳ ଚିଠିରେ ସୀମିତ ରହିଛି। ଯଦି ପଞ୍ଚାୟତ ନିର୍ବାଚନ ପୂର୍ବରୁ ସରକାର ଏଗୁଡିକ ପୂରଣ ଏବଂ ପୂର୍ଣ୍ଣାଙ୍ଗ ନ କରନ୍ତି ଏହାର ଫଳ ଶାସକ ଦଳ ବିରୋଧରେ ଯିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।


ବନ୍ଦ ହୋଇପଡିଛି ଅସ୍ଥାୟୀ କୋର୍ଟ ପାଇଁ ଉଦ୍ଦିଷ୍ଟ ଘର।

